# ଜାତୀୟ କୃମି ନାଶକ ଦିବସ ପାଳନ ନିମନ୍ତେ ଜିଲ୍ଲା ସ୍ତରୀୟ ଏକାଭିମୁଖୀ ବୈଠକ ।

## District level convergence meeting on Natinal Deworming Day(NDD Aug.2019 round)

ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକରେ ପଢୁଥିବା ପିଲାମାନଙ୍କୁ କୃମିନାଶକ ଔଷଧ ଖୁଆଇବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜାତୀୟ କୃମିନାଶକ ଦିବସ ପାଳନ ନିମନ୍ତେ ଜିଲ୍ଲା ସ୍ତରୀୟ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର ସହ ସହଯୋଗ

କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜାତୀୟ କୃମି ନାଶକ ଦିବସ ଗତ ୪ବର୍ଷ ଧରି ଆମ ଦେଶର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ସଫଳତାର ସହ ପାଳିତ ହୋଇଆସୁଛି । ଏହାର ଉଦ୍ଦେଶ୍ୟ ହେଉଛି ଅଧ୍ୟୟନରତ ପିଲାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ପୁଷ୍ଟିକର ସ୍ଥିତି ବଜାୟ ରଖିବା, ଶିକ୍ଷା ପ୍ରତି ମନୋନିବେଶ କରିବା ଓ ଜୀବନର ଉତ୍କର୍ଷର ସ୍ତର ବୃଦ୍ଧି କରିବା । ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଅଗଷ୍ଟ ୮ ତାରିଖରେ କୃମିନାଶକ ସିରପ ଓ ବଟିକା ପ୍ରଦାନ କରାଯାଇ ଏହି ଦିବସ ପାଳନ କରାଯିବ । ଯେଉଁମାନେ ରହିଯିବେ ସେମାନଙ୍କୁ ଅଗଷ୍ଟ ୧୬ ତାରିଖରେ ଏହା ପ୍ରଦାନ କରାଯିବ । ୧ ରୁ ୫ବର୍ଷ ପିଲାଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଓ ୬ ରୁ ୧୯ ବର୍ଷ ପିଲାମାନଙ୍କୁ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ପ୍ରସ୍ତୁତ ହୋଇଥିବା ଅଣୁ-ଯୋଜନା ଅନୁଯାୟୀ ଜିଲ୍ଲାର ସମୁଦାୟ ୪ ଲକ୍ଷ ୭୩ ହଜାର ୩୨୪ ଜଣ ଛାତ୍ର ଛାତ୍ରୀମାନଙ୍କୁ କୃମିନାଶକ ଔଷଧ ଖୁଆଇବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିପାଇଁ ୧ ଲକ୍ଷ ୨୪ ହଜାର ୫୦୫ ଆଲବେଣ୍ଡାଜଲ ସିରପ ଓ ୩ଲକ୍ଷ୬୯ ହଜାର ୭୪୨ଟି ଆଲବେଣ୍ଡାଜଲ ଟାବଲେଟ୍ ଖାଇବାକୁ ଦିଆଯିବ । ୧ରୁ୨ବର୍ଷ ପିଲାମାନଙ୍କୁ ୫ ମି.ଲି ଆଲବେଣ୍ଡାଜଲ ସିରପ,୩ରୁ ୫ବର୍ଷ ପିଲାମାନଙ୍କୁ ୧୦ ମି.ଲି ଆଲବେଣ୍ଡାଜଲ ସିରପ ଓ ୬ରୁ୧୯ ବର୍ଷର ପିଲାମାନଙ୍କୁ ଗୋଟିଏ ଲେଖାଏଁ ଆଲବେଣ୍ଡାଜଲ ଟାବଲେଟ୍ ଚୋବାଇ ଖାଇବାକୁ ଦିଆଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହାଛଡା ଏହି ବୈଠକରେ ଜିଲ୍ଲାପାଳ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଚାଲିଥିବା ଗୃହ ନିର୍ମାଣ ତଥା ମରାମତି କାର୍ଯ୍ୟର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରତାପ କୁମାର ବେହେରା ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉପ-ପରିଚାଳକ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ଶ୍ରୀ ସୂର୍ଯ୍ୟ ପ୍ରତାପ ମହାମାନସିଂହ ଜାତୀୟ କୃମିନାଶକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ଏମ୍ ଓ(ମେଡିକାଲ) ଡା.ଲକ୍ଷ୍ମୀ ନାରାୟଣ ବିଶୋଇ, ଏ ଡି ଏମ୍ ଓ(ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁ , ଡି ପି ଏମ୍ ଏନ୍ ଏଚ୍ ଏମ୍ ଶ୍ରୀ ବିଶ୍ୱ ରଂଜନ ରଥଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ତଥା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


DIST. LEVEL CONVERGENCE MEETING
ON
NATIONAL DEWORMING DAY (NDD)
Venue- Conference Hall, Collectorate, Angul
Date- 19th July 2019
Organised by- Zilla Swasthya Samiti, Angul